# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**04th December - 2024**

**News Editor : *Itishree Singh Rathuar***

********************************

## ମୁଖ୍ୟ ସମ୍ବାଦ

- ଦେଶକୁ ୨୦୪୭ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ଆତ୍ମନିର୍ଭର କରିବାକୁ ଲକ୍ଷ୍ୟ ରଖାଯାଇଛି; ପୁରୀ ବେଳାଭୂମିରେ ନୌସେନା ଦିବସ ପାଳନ ସମାରୋହରେ ଯୋଗଦେଇ କହିଲେ ରାଷ୍ଟ୍ରପତି ।

— ବ୍ଲୁ-ଫ୍ଲାଗ୍ ବିଚ୍‌ରେ ଶୌର୍ଯ୍ୟ ଓ ପରାକ୍ରମର ବଳିଷ୍ଠ ନିଦର୍ଶନ ଦେଲେ ନୌସେନା ଯବାନ ।

- ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ଓ ହୀରାକୁଦ ନଦୀବନ୍ଧ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ବରାଦ କଲେ କେନ୍ଦ୍ର ସରକାର ।

- ବିଧାନସଭାରେ ଆଜି ୩୯ଟି ବିଭାଗୀୟ ଖର୍ଚ୍ଚ ଦାବି ଗିଲୋଟିନ୍‌ରେ ଗୃହୀତ; ଆସନ୍ତାକାଲି ଆଗତ ହେବ ବ୍ୟୟ ମଞ୍ଜୁରି ବିଧେୟକ ।

ଏବଂ

- ରାଜ୍ୟର ୫ଟି ଜିଲ୍ଲାରେ କୁହୁଡ଼ି ହେବା ନେଇ ପାଣିପାଗ କେନ୍ଦ୍ରର ସୂଚନା ।

***Puri/R***

# ନୌସେନା ଦିବସ

ଦେଶକୁ ୨୦୪୭ ମସିହା ସୁଦ୍ଧା ସମ୍ପୂର୍ଣ୍ଣଭାବେ ଆତ୍ମନିର୍ଭରଶୀଳ କରିବାପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ପୁରୀ ବ୍ଲୁ-ଫ୍ଲାଗ୍ ବେଳାଭୂମିରେ ନୌସେନା ଦିବସ ପାଳନ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ଜାତୀୟ ସୁରକ୍ଷାରେ ନୌସେନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମହିଳା ସଶକ୍ତୀକରଣ କ୍ଷେତ୍ରରେ ଭାରତୀୟ ନୌସେନା ଉଦାହାରଣ ସାଜିଛି । ଭାରତୀୟ ନୌସେନା ମହିଳା ଅଗ୍ନିବୀରମାନଙ୍କୁ ପ୍ରଥମେ ସାମିଲ୍ କରିଥିଲା । ଭାରତର ୫ ହଜାର ବର୍ଷ ପୁରୁଣା ନୌବାଣିଜ୍ୟ ସମୃଦ୍ଧ ପରମ୍ପରା ରହିଛି । ଦେଶରେ ସ୍ୱଦେଶୀ ଜ୍ଞାନକୌଶଳରେ ୬୩ଟି ବୁଡ଼ାଜାହାଜ ନିର୍ମାଣ କରାଯାଇଛି । ବିପର୍ଯ୍ୟୟ ପରିଚାଳନା ହେଉ ଅଥବା ଆତଙ୍କବାଦ ମୁକାବିଲା, ନୌସେନା ବାହିନୀ ସବୁବେଳେ ଦେଶକୁ ସୁରକ୍ଷା ଦେଇଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ନୌସେନା ପକ୍ଷରୁ ଆଜି ଯବାନମାନେ ନିଜର ଶୌର୍ଯ୍ୟ, ବୀରତା, ରଣକୌଶଳ ଓ ପରାକ୍ରମର ପ୍ରଦର୍ଶନ କରିଛନ୍ତି । ସମୁଦ୍ର ଭିତରେ ଆଇଏନ୍ଏସ୍ ଜଳସ୍ୱ, ଦିଲ୍ଲୀ, ମହୀଶୂର, ମୁମ୍ବାଇ, ରଣବୀର, ଶକ୍ତି, ସାହ୍ୟାଦ୍ରି

ଭଳି ୧୫ରୁ ଊର୍ଦ୍ଧ୍ୱ ଯୁଦ୍ଧଜାହାଜର ସମରାଭ୍ୟାସ ବେଶ୍ ଆକର୍ଷଣୀୟ ଥିଲା । ସ୍ଥଳପଥରେ ନୌସେନାର ଯବାନମାନେ ଯୁଦ୍ଧକୌଶଳ ପ୍ରଦର୍ଶନ କରି ସାହସିକତାର ନିଦର୍ଶନ ଦେଇଛନ୍ତି । ଆକାଶରେ ମିଗ୍-୨୯ ଯୁଦ୍ଧବିମାନ, ହକ୍ ବିମାନ ସହ ୪୦ରୁ ଅଧିକ ହେଲିକପ୍ଟର ଚିତ୍ତାକର୍ଷକ କୌଶଳ ପ୍ରଦର୍ଶନ କରିଛନ୍ତି । ସ୍ୱତନ୍ତ୍ର ମାର୍କୋସ କମାଣ୍ଡୋ ଆକାଶରେ ତ୍ରିରଙ୍ଗା ପତାକା ଉଡ଼ାଇଛନ୍ତି ।  ଏହି ସମାରୋହକୁ ଦେଖିବାପାଇଁ ପ୍ରବଳ ଜନସମାଗମ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା ।

***Desk***

# ରାଷ୍ଟ୍ରପତି - ଆୟୁର୍ବେଦ କଲେଜ

ରାଷ୍ଟ୍ରପତି ଆଜି ସକାଳେ ପୁରୀ ଗୋପବନ୍ଧୁ ଆୟୁର୍ବେଦ କଲେଜର ହୀରକ ଜୟନ୍ତୀ ସମାରୋହରେ ଯୋଗ ଦେଇଥିଲେ । ଏହି ଅବସରରେ ରାଷ୍ଟ୍ରପତି କହିଥିଲେ,  'ଯୋଗଯୁକ୍ତ ହେଲେ ରୋଗମୁକ୍ତ ହୋଇପାରିବା' । ଦେଶ ବିଦେଶରେ ଲୋକମାନେ ଯୋଗ ଓ ଆୟୁର୍ବେଦ ଶିଖିବାକୁ ଇଚ୍ଛା କରୁଛନ୍ତି। ପ୍ରତ୍ୟେକ ରୋଗପାଇଁ ଆୟୁର୍ବେଦରେ ଚିକିତ୍ସାର ଉପାୟ ରହିଛି ବୋଲି ରାଷ୍ଟ୍ରପତି କହିଥିଲେ । ରାଷ୍ଟ୍ରପତି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ଦର୍ଶନ କରିଥିଲେ ।

ଆସନ୍ତାକାଲି ରାଷ୍ଟ୍ରପତି ଭୁବନେଶ୍ୱରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହ ନ୍ୟାୟିକ ଅଦାଲତର ନୂଆ ଅଟ୍ଟାଳିକାକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ଶୁକ୍ରବାର ଶ୍ରୀମତୀ ମୁର୍ମୁ ମୟୂରଭଞ୍ଜ ଉପରବେଡ଼ାଠାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ସହ ମତବିନିମୟ କରିବେ । ରାଷ୍ଟ୍ରପତି ଆସନ୍ତା ଶନିବାର ଦିନ ବାଙ୍ଗିରପୋଷି-ଗୋରୁମହିଷାଣୀ, ବୁରମରା-ଚକୁଳିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ, ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

***PIB***

# ପ୍ରାକୃତିକ ପର୍ଯ୍ୟଟନ

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ଓ ହୀରାକୁଦ ନଦୀବନ୍ଧ ଅଞ୍ଚଳରେ ପ୍ରାକୃତିକ ପର୍ଯ୍ୟଟନ ବିକାଶ ପାଇଁ ପ୍ରାୟ ୨୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସରକାରୀ-ଘରୋଇ ଭାଗିଦାରୀରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ସାତକୋଶିଆପାଇଁ ୯୯ କୋଟି ୯୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଏଥିରେ ବ୍ୟାପକ ଇକୋ-ଟୁରିଜିମ୍ ବ୍ୟବସ୍ଥା ବିକଶିତ କରାଯିବ । ଏହାସହ ୩ଟି ହବ୍ ପମ୍ପାସର-ଟିକରପଡ଼ା, ବାଲିପୁଟ-ବଡ଼ମୂଳ, କୁଶଙ୍ଗ-ସୀତାଳପାଣିର ଉନ୍ନତୀକରଣ କରାଯିବ ।

ସେହିଭଳି ହୀରାକୁଦ ଜଳଭଣ୍ଡାରର ବିକାଶ ପାଇଁ ପଦକ୍ଷେପ ନିଆଯିବ । ଜଳଭଣ୍ଡାର ପରିସରରେ ଲେଜର ଶୋ', ୱେଲନେସ୍ ସେଣ୍ଟର୍, କ୍ରୁଜ୍ ପାର୍କ, ଦୁଃସାହସିକ କ୍ରୀଡ଼ା ଆଦିର ବ୍ୟବସ୍ଥା କରାଯିବ । ଏହି ଦୁଇଟି ପ୍ରକଳ୍ପ ମାଧ୍ୟମରେ ୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

***BBSR/R***

## ବିଧାନସଭା

ବିଧାନସଭାରେ ଆଜି ୩୯ଟି ବିଭାଗୀୟ ଖର୍ଚ୍ଚ ଦାବି ଗିଲୋଟିନ୍‌ରେ ଗୃହୀତ ହୋଇଛି । ଗୃହରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ୟୟ ମଞ୍ଜୁରି ବିଧେୟକକୁ ଆଗତ କରିବେ । ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଖର୍ଚ୍ଚ ଦାବି ଗୃହିତ ହୋଇଛି । ଏହାପୂର୍ବରୁ ଗୃହ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଖର୍ଚ୍ଚଦାବି ଆଲୋଚନା ପରେ ଗୃହୀତ ହୋଇଥିଲା ।

*HS*

# ବିଧାନସଭା - ସୂତାକଳ

ରାଜ୍ୟରେ ବର୍ତ୍ତମାନ କୌଣସି ସୂତା କଳ କାର୍ଯ୍ୟକ୍ଷମ ନାହିଁ । ପୂର୍ବରୁ ରାଜ୍ୟରେ ୭ଟି ସୂତାକଳ ଥିବା ବେଳେ ବର୍ତ୍ତମାନ ସେ ସବୁ ବନ୍ଦ ହୋଇ ପଡ଼ିଛି ବୋଲି ବିଧାନସଭାରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି । ଗୋଟିଏ ଲିଖିତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୧ ଲକ୍ଷ ୨୫ ହଜାର ୧୬୦ ଜଣ ହସ୍ତତନ୍ତ ବୁଣାକାର ଓ ୪ ହଜାର ୬୨୪ ଜଣ କଳତନ୍ତ ବୁଣାକାର ଅଛନ୍ତି । ଅଚଳାବସ୍ଥାରେ ଥିବା ସୂତାକଳଗୁଡିକର ଘରୋଇକରଣ ପାଇଁ ପ୍ରକ୍ରିୟା ଜାରି ରହିଛି । ଏଥିପାଇଁ ବିଦେଶୀ ପୁଞ୍ଜିପତି ମାନଙ୍କୁ ଆମନ୍ତ୍ରଣ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

*Desk*

# ଅମୀନ ପଦବୀ

ରାଜ୍ୟରେ ଆସନ୍ତା ୨୦୨୫ ମସିହା ସୁଦ୍ଧା ଖାଲି ଥିବା ଆର୍.ଆଇ ଓ ଅମୀନ ପଦବୀ ପୂରଣ ହେବ ବୋଲି ବିଧାନସଭାରେ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା

ସମୟରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଦୁର୍ନୀତିମୁକ୍ତ ରାଜସ୍ୱ ସେବା ଯୋଗାଇଦେବା ଆମର ପ୍ରମୁଖ ଲକ୍ଷ୍ୟ। ଆଗାମୀ ଦିନରେ ପ୍ରତି ୨ଟି ପଞ୍ଚାୟତରେ ଗୋଟିଏ ଲେଖାଏଁ ଆର.ଆଇ. କାର୍ଯ୍ୟାଳୟ ସ୍ଥାପନ ପାଇଁ ଯୋଜନା ହେଉଛି। ସେ କହିଛନ୍ତି, ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଶିକ୍ଷାନୁଷ୍ଠାନରେ ନିଜସ୍ୱ ଜମି ନଥିଲା। ଆସନ୍ତା ୩୦ ତାରିଖ ସୁଦ୍ଧା ସମସ୍ତ ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ଯୋଗାଇଦେବାକୁ ନିଷ୍ପତ୍ତି ହୋଇଥିବା ଶ୍ରୀ ପୂଜାରୀ କହିଛନ୍ତି।

***Desk***

# ଜମି ଜବରଦଖଲ

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜ୍ୟରେ ଥିବା ଗରିବ, ଭୂମିହୀନ ଲୋକ ୪ ଡିସ୍‌ମିଲ କିମ୍ବା ତା'ଠାରୁ କମ୍ ଜମି ଜବରଦଖଲ କରିଥିଲେ ସେମାନଙ୍କୁ ସେହି ଜମିର ପଟ୍ଟା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ। ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ସମୟରେ ମନ୍ତ୍ରୀ କହିଛନ୍ତି, ଧନୀ, ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମି ଜବର ଦଖଲ କରିଥିଲେ ପଦକ୍ଷେପ ନିଆଯିବ। ଏ ସଂକ୍ରାନ୍ତରେ ହାଇକୋର୍ଟରେ ମାମଲା ବିଚାରାଧିନ ରହିଥିବାବେଳେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ମାମଲାର ଫଇସଲା ହେବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

*HS*

# ପିଆଜ ଉତ୍ପାଦନ

ରାଜ୍ୟରେ ଆବଶ୍ୟକତାଠାରୁ ଅଧିକ ପିଆଜ ଉତ୍ପାଦନ ହେଉଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗୃହରେ କହିଛନ୍ତି । ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି, ୨୦୨୩-୨୪ ଆର୍ଥିକ ବର୍ଷରେ ୩ ଲକ୍ଷ ୭୫ ହଜାର ମେଟ୍ରିକ ଟନ ପିଆଜର ଆବଶ୍ରକତା ଥିବାବେଳେ ୪ ଲକ୍ଷ ୨୦ ହଜାର ମେଟ୍ରିକ ଟନ ପିଆଜ ଉତ୍ପାଦନ ହେଇଥିଲା । ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ମହାରାଷ୍ଟ୍ର, କର୍ଣ୍ଣାଟକ ଆଦି ଅଞ୍ଚଳରେ ଗଚ୍ଛିତ ଥିବା ପୁରୁଣା ପିଆଜ ହ୍ରାସ ହେବା ସହ ନୂଆ ପିଆଜ ଅମଳ ବିଳମ୍ବ ହେବାରୁ ରାଜ୍ୟରେ ପିଆଜ ଦର ବଢ଼ିଛି ।

*IPR*

# ପଣସ ମିଶନ

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର ଡେରାସ୍ଠାରେ ଓଡ଼ିଶା ପଣସ ମିଶନ୍ ଅଧୀନରେ କର୍ମଶାଳା ଆୟୋଜନ କରାଯାଇଛି । ଏଥିରେ କେରଳର ଶିଳ୍ପ ବିଶେଷଜ୍ଞ

ଏବଂ ମାଷ୍ଟର ଟ୍ରେନର୍ ମାନେ କଞ୍ଚା ପଣସରୁ ବିଭିନ୍ନ ଉତ୍ପାଦ ତିଆରି ପ୍ରଶିକ୍ଷଣ ଦେଇଥିଲେ ।

***PIB***

## ଏମ୍ସ

ଏମ୍ସ୍ ଭୁବନେଶ୍ୱରରେ ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ 4D Spine and Gait Analysis Lab ଉଦ୍‌ଘାଟିତ ହୋଇଯାଇଛି । ଆଧୁନିକ ଚିକିତ୍ସା ଓ ପୁନର୍ବାସ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାଳ ଏକାଧିକ ବ୍ୟବସ୍ଥା ଥିବା ଏହି ଲ୍ୟାବ୍‌ର ଶୁଭାରମ୍ଭ କରିଛନ୍ତି । ଏଥିରେ ପ୍ରୋଷ୍ଟେଟିକ୍ ଓ ଆର୍ଥୋଟିକ୍ ସେବା, ଆକ୍ୟୁପ୍ରେସର୍ ସେବା, ଫିଜିଓଥେରାପି ୟୁନିଟ୍ ସମେତ ଅନ୍ୟାନ୍ୟ ଏକାଧିକ ଆନୁଷଙ୍ଗିକ ସେବା ଉପଲବ୍ଧ ହେବ ।

***HS***

## ପ୍ରାଣୀ କଲ୍ୟାଣ

ରାଜ୍ୟରେ ପ୍ରାଣୀ କଲ୍ୟାଣ ଯୋଜନାର ଆରମ୍ଭ ହେବ ବୋଲି ପ୍ରାଣୀସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗୃହରେ କହିଛନ୍ତି । ସେ କହିଛନ୍ତି,

ଗୋ ପାଳନ ଓ ଗୋ ସୁରକ୍ଷା ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ଏଥିପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରାଯାଉଛି ।

***Boudh/R***

# ମହିଳା ଚାଷୀ ତାଲିମ୍

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ କୁଶଙ୍ଗ ପଞ୍ଚାୟତ କୁମାରୀ ଗ୍ରାମରେ ବୌଦ୍ଧ ପାଲଝାରସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ପକ୍ଷରୁ କୃଷିଜୀବୀ ମହିଳାମାନଙ୍କୁ ନେଇ ପନିପରିବା ଚାଷ ଉପରେ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଚାଷୀମାନଙ୍କୁ ନେଇ ଦିନିକିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ମୟୂରୀ ସିଂହ ସର୍ଦ୍ଦାର ପ୍ରମୁଖ ଉପସ୍ଥିତ କୃଷକମାନଙ୍କୁ ଧାନଚାଷ ପରେ ମୁଗ, ବିରି, ପନିପରିବା, ମିଲେଟ୍ ଚାଷ କରିବାପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୬୦ରୁ ଅଧିକ ମହିଳା ଚାଷୀ ଯୋଗ ଦେଇଥିଲେ ।

***Boudh/R***

## ପୁସ୍ତକମେଳା ଉଦ୍‌ଘାଟିତ

ବୌଦ୍ଧ କଚେରି ପଡ଼ିଆଠାରେ ଊନବିଂଶ ବୌଦ୍ଧ ପୁସ୍ତକମେଳା ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଉପସ୍ଥିତ ଥିଲେ । ଏଥିରେ ରାଜ୍ୟର ପ୍ରତିଷ୍ଠିତ ପୁସ୍ତକ ପ୍ରକାଶକ ଓ ବିକ୍ରେତା ସେମାନଙ୍କର ଷ୍ଟଲ୍ ଖୋଲିଛନ୍ତି । ଉଦ୍‌ଘାଟନୀ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

***Desk***

## ପାଣିପାଗ

ରାଜ୍ୟରେ ଶୀତର ପ୍ରଭାବ ବୃଦ୍ଧି ପାଉଛି। ତେବେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୨ ଦିନ ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବାର ସମ୍ଭାବନା ରହିଛି। ଅପର ପକ୍ଷରେ, ଗତକାଲି ଫୁଲବାଣୀଠାରେ ରାତିର ସର୍ବନିମ୍ନ ତାପମାତ୍ରା ୧୫ ଦଶମିକ ୫ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

*****